# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 February - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ପ୍ରାୟ ୧୧ ହଜାର ଏକର ଗୋଚର ଜମି ଜବର ଦଖଲରେ ରହିଛି; ବିଧାନସଭାରେ ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ
- ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଆସନ୍ତାକାଲିଠାରୁ ଆରମ୍ଭ
- ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ କଲେ ଉଚ୍ଚସ୍ତରୀୟ କମିଟି

ଏବଂ

- ସାମାଜିକ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ନେଇ ଆଜି ବିଶ୍ୱରେ ପାଳନ କରାଯାଉଛି ସାମାଜିକ ନ୍ୟାୟ ଦିବସ

## ବିଧାନସଭା-ଜବର ଦଖଲ

ରାଜ୍ୟର ୧୦ ହଜାର ୯୭୧. ଦଶମିକ ୧/୧/୨ ଏକର ଗୋଚର ଜମି ଜବରଦଖଲରେ ରହିଛି। ସେଥିମଧ୍ୟରୁ ଅନୁଗୁଳରେ ସର୍ବାଧିକ ୨ ହଜାର ୯୧୪ ଦଶମିକ ୪/୨/୪ ଏକର ଗୋଚର ଜମି ରହିଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟର ମୋଟ୍ ଗୋଚର ଜମିର ପରିମାଣ ହେଉଛି, ୧୧ ଲକ୍ଷ ୨୦ ହଜାର ୭୭୯ ଦଶମିକ ୫୯୨ ଏକର। ଅନ୍ୟ ଜିଲ୍ଲାଗୁଡ଼ିକ ମଧ୍ୟରେ କେନ୍ଦୁଝରରେ ୧ ହଜାର ୨୫ ଦଶମିକ ୮/୯/୯ ଏକର, କଳାହାଣ୍ଡିରେ ୯୪୧ ଦଶମିକ ୭/୪ ଏକର, ନବରଙ୍ଗପୁରରେ ୯୦୧ ଦଶମିକ ୧/୫ ଏକର ଏବଂ ଗଞ୍ଜାମରେ ୪୭୩ ଦଶମିକ ୯/୪/୧ ଏକର ଜମି ଜବର ଦଖଲରେ ରହିଥିବା ମନ୍ତ୍ରୀ ଶ୍ରୀ ପୂଜାରୀ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-ପରିବହନ ଟିକସ

ପରିବହନ ଟିକସ ବାବଦରେ ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୯ ହଜାର ୬୮୮ କୋଟି ଟଙ୍କା ଆଦାୟ ହୋଇଛି। ଏକ ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଟିକସ ଖିଲାପକାରୀ ଯାନଗୁଡ଼ିକଠାରୁ ଦିନକୁ ୧୦୦ ଟଙ୍କା ଲେଖାଏଁ ଜୋରିମାନା ଆଦାୟ ହେବାର ବ୍ୟବସ୍ଥା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ସେହିଭଳି ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଗତ ଜୁନ୍ ମାସରୁ ଏପର୍ଯ୍ୟନ୍ତ ଦୁର୍ଘଟଣାରେ ୩ ହଜାର ୭୧୭ ଜଣଙ୍କର ମୃତ୍ୟୁ ହୋଇଛି। ରାଜ୍ୟରେ ଏହି ସମୟସୀମା ମଧ୍ୟରେ ୬ ହଜାର ୩୨୭ଟି ସଡକ ଦୁର୍ଘଟଣା ଘଟିଥିବା ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

## ବିଧାନସଭା-ଜଳପ୍ରକଳ୍ପ

ରାଜ୍ୟରେ ୩୧ଟି ବୃହତ୍ ଜଳପ୍ରକଳ୍ପ ଓ ୨୭ଟି ବ୍ୟାରେଜ୍ ନିର୍ମାଣ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ୭୯ଟି କ୍ଷୁଦ୍ର ଜଳପ୍ରକଳ୍ପ ଓ ୭୨ଟି ଷ୍ଟକ୍‌ଚର ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏ ନେଇ ଆଗାମୀ ଦିନରେ ମୋଟ୍ ୫୧ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଜଳସମ୍ପଦ ବିଭାଗ ପକ୍ଷରୁ ଏଥିପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଛି। ଟେଣ୍ଡର ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବା ନେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-ସୁନା

ରାଜ୍ୟର ୨ଟି ଜିଲ୍ଲାରେ ସୁନା ଖଣି ସନ୍ଧାନ ମିଳିଥିବା ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ବିଧାନସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ଦେବଗଡ଼ ଜିଲ୍ଲାର ଆଡାସ-ରମାପଲ୍ଲୀ ଏବଂ କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଂଚଳରେ ଏହି ସୁନାଖଣି ସନ୍ଧାନ ମିଳିଛି। ଦେବଗଡ଼ ଜିଲ୍ଲାର ଆଡାସ-ରମାପଲ୍ଲୀ ଅଂଚଳରେ ଭାରତର

ଭୂ-ବିଜ୍ଞାନ ସଂସ୍ଥାଦ୍ୱାରା ଜି-୨ ସ୍ତରର ଅନୁସନ୍ଧାନ କାର୍ଯ୍ୟ ଶେଷ ହୋଇଛି। ଅନ୍ୟପକ୍ଷରେ, କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଂଚଳରେ ଜି-୩ ସ୍ତରର ଅନୁସନ୍ଧାନରେ ସକାରାତ୍ମକ ଫଳାଫଳ ମିଳିଛି। ଚୂଡ଼ାନ୍ତ ରିପୋର୍ଟ ହସ୍ତଗତ ହେବା ପରେ ବୈଷୟିକ କମିଟିର ସୁପାରିଶ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

## ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଆସନ୍ତାକାଲିରୁ ଆରମ୍ଭ ହେବ। ପରୀକ୍ଷା ପୂର୍ବରୁ ଆଜି ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଆନୁଷଙ୍ଗିକ ବିଧି ବ୍ୟବସ୍ଥା ନେଇ ବୋର୍ଡ ପକ୍ଷରୁ ଚୟନ କରାଯାଇଥିବା ନୋଡାଲ ସେଣ୍ଟର ଓ ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥାର ଅନୁଧ୍ୟାନ କରାଯାଉଛି। ବୋର୍ଡ କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନେ ୬୦୦ କେନ୍ଦ୍ରରେ ଲାଇଭ୍ ଭିଡିଓ ବ୍ୟବସ୍ଥାର ଅନୁଧ୍ୟାନ କରିବେ।  ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ୨୮୬ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ଓ ୩୧୪ଟି ନୋଡାଲ ସେଣ୍ଟରର ଭିଡିଓ, ବୋର୍ଡ କାର୍ଯାଳୟ ମାଧ୍ୟମରେ ଲାଇଭ୍ ଷ୍ଟ୍ରିମିଂ ଦ୍ୱାରା ସମୀକ୍ଷା କରାଯିବ। ମାଟ୍ରିକ୍ ପରୀକ୍ଷା ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ସଂସ୍କୃତ ମଧ୍ୟମା ପରୀକ୍ଷା ଆସନ୍ତାକାଲିଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ।

ସୂଚନା ଅନୁଯାୟୀ, ଚାରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ସହ ମୋଟ୍ ୧୭୨ଟି ଟିମ୍ ଏଥିପାଇଁ ଗଠନ କରାଯାଇଛି। ଚଳିତବର୍ଷ ୩୦ଟି ଜିଲ୍ଲାର ୩ ହଜାର ୨୯ଟି ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୨୦ହଜାର ୬୪୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

## ବିଧାନସଭା

ରାଜ୍ୟରେ ବିପର୍ଯ୍ୟୟର ପରିଚାଳନା ପାଇଁ ଆଉ ୫୦୦ଟି ବାତ୍ୟା ଆଶ୍ରୟସ୍ଥଳିର ନିର୍ମାଣ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାନସଭାରେ ବିଜେଡ଼ି ବିଧାୟକ ପ୍ରତାପ ଦେବଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ରାଜ୍ୟର ୨୫ଟି ଜିଲ୍ଲାରେ ୯୦୯ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳି ନିର୍ମାଣ କରାଯାଇଛି। ଚଳିତ ଆର୍ଥିକବର୍ଷରେ ଏହାର ମରାମତି ପାଇଁ ରାଜସ୍ୱ ବିଭାଗ ବିଭିନ୍ନ ଜିଲ୍ଲାକୁ ୪୮ କୋଟି ୭୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ୯୦୯ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳି ମଧ୍ୟରୁ ୬୦୦ଟି ବାତ୍ୟା ଓ ୩୦୯ଟି ବନ୍ୟା ଆଶ୍ରୟସ୍ଥଳି ରହିଛି। ଆଗାମୀ ଦିନରେ ବିଭିନ୍ନ ଜିଲ୍ଲାରେ ନୂଆ ଆଶ୍ରୟସ୍ଥଳି ନିର୍ମାଣ ପାଇଁ ବିଭାଗ ଲକ୍ଷ୍ୟ ରଖିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## ନେପାଳୀ ଛାତ୍ରୀ - ହେଲ୍‌ପଲାଇନ ନମ୍ବର

ଭୁବନେଶ୍ୱରରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଓ ଏହା ପରବର୍ତ୍ତୀ ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଛାତ୍ରଛାତ୍ରୀଙ୍କ ସହାୟତା

ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୪ଟି ହେଲ୍‌ପ୍‌ଲାଇନ୍ ନମ୍ବର ଜାରି କରାଯାଇଛି । ଏହି ପ୍ରସଙ୍ଗରେ ବୈଷୟିକ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ଫେରିଆସିବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ କମିଟି ଗଠନ ସହ ରାଜ୍ୟ ଗୃହବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ଗସ୍ତ କରି ଘଟଣାର ଅନୁଧ୍ୟାନ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

**- V/O -**

ସରକାର ଘଟଣାକୁ ଗୁରୁତ୍ୱର ସହ ନେଇଥିବାବେଳେ ତଦନ୍ତ ପରେ ଦୋଷୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

## ଦିଲ୍ଲୀ – ନୂତନ ମୁଖ୍ୟମନ୍ତ୍ରୀ

ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଆଜି ରେଖା ଗୁପ୍ତା ଶପଥ ଗ୍ରହଣ କରିଛନ୍ତି। ରାମଲୀଳା ମଇଦାନରେ ଉପରାଜ୍ୟପାଳ ଭି.କେ. ସକ୍‌ସେନା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ଉପମୁଖ୍ୟମନ୍ତ୍ରୀ ଭାବେ ପରବେଶ ବର୍ମାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହା ସହ ଅନ୍ୟ ୬ ମନ୍ତ୍ରୀ ପ୍ରବେଶ ବର୍ମା, ଆଶୀଷ ସୁଦ୍, ସର୍ଦ୍ଦାର ମଞ୍ଜିଦର ସିଂ ସରସା, ରବୀନ୍ଦ୍ର ସିଂ, କପିଳ ମିଶ୍ରା ଓ ପଙ୍କଜ କୁମାର ସିଂ ମଧ୍ୟ ଶପଥ ଗ୍ରହଣ କରିଛନ୍ତି। ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଏନ୍‌ଡିଏ ଶାସିତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ସମାରୋହରେ ଉପସ୍ଥିତ ଅଛନ୍ତି। ସୁଷମା ସ୍ୱରାଜ, ଶୀଲା ଦିକ୍ଷୀତ୍ ଏବଂ ଆତିସୀଙ୍କ ପରେ ଶ୍ରୀମତୀ ଗୁପ୍ତା ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଏବଂ ବିଜେପି ପକ୍ଷରୁ ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

## ବିଧାନସଭା-ସାନ୍ତାଳୀ ଭାଷା

ଚଳିତବର୍ଷ ସାନ୍ତାଳୀ ଭାଷା ତା'ର ଶତବାର୍ଷିକୀ ପୂରଣ କରିବାକୁ ଯାଉଛି। ରାଜ୍ୟ ସ୍ତରରେ ଏହାର ଶତବାର୍ଷିକୀ ପାଳନ ପାଇଁ ବିଜେପି ବିଧାୟକ ଭାଦବ ହାଂସଦା କହିଛନ୍ତି। ବିଧାନସଭାରେ ଶୂନ୍ୟକାଳରେ ଆଜି ଏ ପ୍ରସଙ୍ଗ ଉଠାଇ ଶ୍ରୀ ହାଂସ୍‌ଦା କହିଛନ୍ତି, ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ ମସିହାରେ ସାନ୍ତାଳୀ ଭାଷାର ଆରମ୍ଭ କରିଥିଲେ। ୨୦୦୩ ମସିହାରେ ପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିଲେ। ତେଣୁ ଏହି ଭାଷାର ରାଜ୍ୟସ୍ତରୀୟ ଶତବାର୍ଷିକୀ ପାଳନ ସହ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ଯାଏଁ ସାନ୍ତାଳୀ ଭାଷାରେ ପାଠପଢ଼ା ଆରମ୍ଭ ପାଇଁ ବିଧାୟକ ଶ୍ରୀ ହାଂସ୍‌ଦା ଦାବି କରିଛନ୍ତି।

## ଉତ୍ତର ଓଡ଼ିଶା ବିକାଶ ପରିଷଦ

ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଗଠିତ ଟାସ୍କଫୋର୍ସର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବିକାଶ ପରିଷଦ ଗଠନ ନେଇ ପ୍ରସ୍ତୁତ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ରିପୋର୍ଟ ଉପରେ ସଦସ୍ୟଙ୍କ ମତାମତ ମିଳିବା ପରେ ପୂର୍ଣ୍ଣାଙ୍ଗ ଭାବେ ପ୍ରସ୍ତୁତ

ରିପୋର୍ଟକୁ ଆସନ୍ତା ମାସ ୧୦ ତାରିଖ ସୁଦ୍ଧା କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

## ନିପୁଣ ଓଡ଼ିଶା ମେଳା

ଭଦ୍ରକ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଛି। ଚାନ୍ଦବାଲି, ତିହିଡି, ବ'ନ୍ତ, ଭଦ୍ରକ, ଭଣ୍ଡାରିପୋଖରୀ, ବାସୁଦେବପୁର, ଧାମନଗର ଆଦି ୭ଟି ବ୍ଲକ୍‌ର ବିଭିନ୍ନ ସାଧନକେନ୍ଦ୍ର ଓ ଶିକ୍ଷାନୁଷ୍ଠାନରେ ଏହି ମେଳା ଅନୁଷ୍ଠିତ ହୋଇଛି। ମୌଳିକ ସାକ୍ଷରତା ଅଭିନବ ଶିକ୍ଷାଦାନ, ଦକ୍ଷତା ବିକାଶ ଆଦି ବିଭିନ୍ନ କ୍ଷେତ୍ର ଉପରେ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିକ୍ଷା ସାମଗ୍ରୀ ଷ୍ଟଲ୍‌ମାନ ପ୍ରସ୍ତୁତ କରାଯାଇଛି।

## ବିଶ୍ୱ ସାମାଜିକ ନ୍ୟାୟ ଦିବସ

ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରୀ, ମାନବଅଧିକାରୀ ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ  ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରାଯାଉଛି। ଜାତିସଂଘ ସାଧାରଣ ପରିଷଦର ଅନୁମୋଦନ କ୍ରମେ ୨୦୦୯ ମସିହାରୁ ପ୍ରତିବର୍ଷ ଫେବୃୟାରୀ ୨୦ ତାରିଖକୁ ଏହି ଦିବସ ପାଳନ ନେଇ ସ୍ଥିର କରାଯାଇଥିଲା।  ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ, ଲିଙ୍ଗଗତ, ଶାରୀରିକ ଭେଦଭାବ ଓ ଧର୍ମ ଆଧାରିତ ଚିନ୍ତାଧାରା ମଧ୍ୟରେ ଥିବା ଦୂରତ୍ୱକୁ ହ୍ରାସ କରି ବିଭିନ୍ନ ସମ୍ପ୍ରଦାୟକୁ ଅନ୍ତର୍ଜାତୀୟ ସ୍ତରରେ

ଏକତ୍ର କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଚଳିତବର୍ଷର ବାର୍ତ୍ତା ରହିଛି- ଅନ୍ତର୍ଭୁକ୍ତିକୁ ସଶକ୍ତୀକରଣ, ସାମାଜମିକ ନ୍ୟାୟ ପାଇଁ ଦ୍ୱରତ୍ୱ ହ୍ରାସ କରିବା।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି । ଗତକାଲି ବାଲେଶ୍ୱରରେ ସର୍ବାଧିକ ୧୭ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, କଟକ, ଜଗତ୍‌ସିଂହପୁର ଓ ଢେଙ୍କାନାଳ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।